# ଉନ୍ନତ ପ୍ରଣାଳୀରେ କଦଳୀ ଚାଷ



## କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

# ଉନ୍ନତ ପ୍ରଣାଳୀରେ କଦଳୀ ଚାଷ

ଡଃ. ମନୋଜ କୁମାର ତ୍ରିପାଠୀ
ଶ୍ରୀମତୀ କବିତା ସେଠୀ
ଡଃ. ଅଜୟ ପ୍ରସାଦ କାନୁନ୍‌ଗୋ
କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଭାରତରେ କଦଳୀ ପ୍ରାୟ ୪ ଲକ୍ଷ ହେକ୍ଟର ଜମିରେ ଚାଷ କରାଯାଇ ବାର୍ଷିକ ପ୍ରାୟ ୧୩.୨ ନିୟୁତ ଟନ ଫଳ ଉତ୍ପାଦନ କରାଯାଇଥାଏ ଓ କେବଳ ତାମିଲନାଡୁରେ ୯୦ ହଜାର ହେକ୍ଟର ଜମିରେ ଏହା ଚାଷ ହୋଇଥାଏ । ଏଥିରେ ଖାଦ୍ୟସାର ପ୍ରଚୁର ପରିମାଣରେ ଥିବାରୁ ଏହା ଉଭୟ କଞ୍ଚା ଓ ପାଚିଲା ଭାବରେ ଖିଆଯାଇଥାଏ । ଗୋଟିଏ ସାଧାରଣ ଆକାରର ପାଚିଲା କଦଳୀରେ ପ୍ରାୟ ୧୦୦ କ୍ୟାଲୋରି ଶକ୍ତି ଥିବାର ଜଣାଯାଏ । କଦଳୀର ପତ୍ର ବାସନ ରୂପେ ବ୍ୟବହୃତ ହୋଇଥାଏ ଓ ମଞ୍ଜା ଏବଂ ଭଣ୍ଡାକୁ ମଧ୍ୟ ତରକାରୀ କରି ଖିଆଯାଇଥାଏ । ଏହାଛଡା ଫଳରୁ ଜାମ୍, ବିସ୍କୁଟ, ଚିପ୍‌ସ, ମଣ୍ଡ ଇତ୍ୟାଦି ପଦାର୍ଥ ଓ ପଟୁକାରୁ ତନ୍ତୁ ବାହାର କରାଯାଇ ଦଉଡି, କାଗଜ ଇତ୍ୟାଦି ମଧ୍ୟ ତିଆରି କରାଯାଇଥାଏ । ତେବେ ଏହି ଫସଲର ଇଲାକା ଓଡ଼ିଶାରେ ୧୯୮୦ ମସିହା ବେଳକୁ ପ୍ରାୟ ୨୮୦୦୦ ହେକ୍ଟର ଥିବା ବେଳେ ବର୍ତ୍ତମାନ ଏହା କମିଯାଇ ମାତ୍ର ୧୨୦୦୦ ହେକ୍ଟରରେ ପହଞ୍ଚିଲାଣି । ଉନ୍ନତ ପ୍ରଣାଳୀରେ ଚାଷ ସମ୍ବନ୍ଧୀୟ ଜ୍ଞାନ କୌଶଳ, ରୋଗ ଓ ପୋକ ପରିଚାଳନା ଏବଂ ନିୟନ୍ତ୍ରିତ ବଜାରର ଅଭାବ ଏହାର ମୁଖ୍ୟ କାରଣ ।

**ପ୍ରକାର ଭେଦ :**

 କଦଳୀକୁ ୨ ପ୍ରକାରରେ ବିଭକ୍ତ କରାଯାଇଥାଏ ।

ତରକାରୀ କଦଳୀ - ବନ୍ତଳ (ମେଣ୍ଡି ବନ୍ତଳ, ପାଉଁଶିଆ ବନ୍ତଳ) ଓ ବତିଶା ଶଙ୍କରା ।
ପାଚିଲା କଦଳୀ - ଚମ୍ପା (ଚିନି ଚମ୍ପା, ନାଲି ଚମ୍ପା) ପାଟକପୁରା, କାବୁଲି, ଭୂଷାବାଲୀ
ଶଙ୍କର କିସମ - ସିଓ ୧, ଏଚ ୧, ଏଚ ୨, ଏଫ ଏଚ ଆଇ ୧ ଏବଂ ୩

**ମୃତ୍ତିକା ଓ ଜଳବାୟୁ :**

ଯେ କୌଣସି ମାଟିରେ କଦଳୀ ଚାଷ କରାଯାଇପାରେ କିନ୍ତୁ ଉର୍ବର ବାଲିଆ ଦୋରସା ବା ଗଭୀର ପଟୁଥିବା ମାଟି ଏହି ଚାଷ ପାଇଁ ସର୍ବୋତ୍କୃଷ୍ଟ । ଏହାର ଚେର ଗୁଡ଼ିକ ବେଶୀ ଗଭୀରକୁ ଯାଇନଥିବାରୁ କ୍ଷେତରେ ବେଶୀଦିନ ପର୍ଯ୍ୟନ୍ତ ପାଣି ରହିଲେ

ଏହା ସହିପାରେ ନାହିଁ, ଫଳରେ ଗଛ ଗୁଡ଼ିକ ରୋଗାହୋଇଯାଏ । ଆମ ରାଜ୍ୟର ଜଳବାୟୁ ଏହି ଚାଷ ପାଇଁ ଖୁବ ଅନୁକୂଳ କେବଳ ଶୀତଦିନର ତାପମାତ୍ରା ୧୦° ସେଣ୍ଟିଗ୍ରେଡ୍ ରୁ କମ ଓ ଖରାଦିନ ଉତ୍ତାପ ୩୫° ସେଣ୍ଟିଗ୍ରେଡ୍ ରୁ ଅଧିକ ହେଲେ ଏହା ଭଲ ବଢ଼ିପାରେ ନାହିଁ । ତେବେ ଅମ୍ଳତା ୬.୫ରୁ ୭.୫ଥିବା ମାଟିରେ ଏହା ଭଲ ହୁଏ । ଏହା ଅଧିକ ପାଣି ଦରକାର କରିଥାଏ ଓ ବାର୍ଷିକ ପ୍ରାୟ ୧୨୦୦ ମି.ମି. ବୃଷ୍ଟିପାତ ହେଉଥିବା ଜାଗାରେ ଚାଷ କରାଯାଇଥାଏ ।

**ବଂଶ ବିସ୍ତାର :**

ସୁସ୍ଥ ଓ ନିରୋଗ ମା ଗଛରୁ କେବଳ ୫୦୦ରୁ ୭୫୦ ଗ୍ରାମ ଓଜନ ବିଶିଷ୍ଟ ଶିଙ୍ଗାପୁଆ/ଖଣ୍ଡାପୁଆ ସଂଗ୍ରହ କରି ଅନ୍ୟଜାଗାରେ ଲଗାଇବା ଉଚିତ୍ । ଖଣ୍ଡା ପୁଆର ମୂଳଟି ମୋଟା ଓ ଅଗଟି ସରୁ । ପୁଆ ସଂଗ୍ରହ ବେଳେ ଆଖିରେ ପଡୁଥିବା ପାଣି ପୁଆକୁ ନଷ୍ଟକରିଦେବା ଉଚିତ । କାରଣ ବ୍ୟବସାୟିକ ଚାଷପାଇଁ ଏଗୁଡିକ ଭଲ ନୁହେଁ । ପେଶୀ ପୋଷଣ ପଦ୍ଧତିରେ ପ୍ରସ୍ତୁତ କଦଳୀ ପୁଆ ଅତି ଭଲ । ବୁଢ଼ା ପୁଆର କାନ୍ଦି ଶୀଘ୍ର ପଡେ ଓ ଆକାର ଛୋଟଥାଏ । ପୁଆ ଛୋଟ ହେଲେ କାନ୍ଧି ଡେରିରେ ଆସେ ଓ ପୁଆ ଶୁଖି ପଡିଯିବାର ସମ୍ଭାବନା ଥାଏ ।

**ଚାରା ରୋପଣ :**

ପାରମ୍ପରିକ ଭାବରେ ଡେଙ୍ଗା କଦଳୀ ମୁଖ୍ୟତଃ ଜ୍ୟେଷ୍ଠ ମାସ ଶେଷ ଆଡକୁ ଅର୍ଥାତ ଜୁନ ମାସରେ ଲଗାଯାଉଥିଲେ ମଧ୍ୟ ଅତ୍ୟଧିକ ବର୍ଷା ଓ ଶୀତ ସମୟକୁ ଛାଡି ବର୍ଷର ଅନ୍ୟସମୟରେ ଏହା ଲଗାଯାଇପାରିବ । ତେଣୁ ବଜାର ଚାହିଦା ଓ ଦରକୁ ଦେଖି ଲଗାଇବାର ସମୟ ସ୍ଥିର କରାଯାଇପାରିବ । ବାମନ କଦଳୀ ଗୁଡ଼ିକ ସାଧାରଣତଃ ଫେବୃଆରୀ ବା ମାର୍ଚ୍ଚ ମାସରେ ଲଗାଯାଇଥାଏ । ଏଥିପାଇଁ ଉଦ୍ଦିଷ୍ଟ କ୍ଷେତକୁ ଭଲଭାବରେ ୨/୩ ଓଡ ଚାଷକରି ଘାସବାଛି ମଧ୍ୟମ/ଡେଙ୍ଗା ଗଛକୁ ୭ ଫୁଟ ଓ ବାମନ ଗଛପାଇଁ ୫ ଫୁଟ ଦୂରତ୍ୱରେ ଦେଢ଼ଫୁଟ ଲମ୍ବ, ପ୍ରସ୍ଥ ଓ ଗଭୀରର ଗାତ ଖୋଳି ଉପଯୁକ୍ତ ଭାବରେ ଖତ ଓ କମ୍ପୋଷ୍ଟ ଦେଇ ବିଶୋଧିତ ପୁଆକୁ ଲଗାଯାଏ ।

**ମିଶ୍ରିତ ଚାଷ :**

କଦଳୀ ଚାଷ ମଧ୍ୟରେ ଅଦା, ହଳଦୀ, ବିନ, ବାଦାମ ବା ମୁଗ ଏବଂ ବିରି ମିଶ୍ରିତ ଚାଷ ହିସାବରେ ନିଆଯାଇପାରେ । ସେହିଭଳି ଆମ୍ବ, ଲିଚୁ ବା ନଡ଼ିଆ ଚାରା ରୋପଣ ସମୟରେ ଗଛର ପ୍ରାଥମିକ ବୃଦ୍ଧି କମ ହେଉଥିବାରୁ ପ୍ରଥମ ତିନିବର୍ଷ

ଅନ୍ତଃଫସଲ ହିସାବରେ କଦଳୀକୁ ହିଁ ଚୟନ କରାଯାଇପାରେ ।

**ଖତସାର :**

ତଳେ ଦିଆଯାଇଥିବା ପରିମାଣ ଅନୁସାରେ କଦଳୀରେ ଖତ ବା ସାର (ଗ୍ରାମ୍/ଗଛ ପ୍ରତି) ପ୍ରୟୋଗ କରନ୍ତୁ ।

| ସମୟ | ବାମନା/ମଧ୍ୟମ କିସମ | | | ଡେଙ୍ଗା କିସମ | | |
|---|---|---|---|---|---|---|
| | ୟୁରିଆ | ସି.ସୁପର ଫସ୍‌ଫେଟ୍ | ମ୍ୟୁରେଟ୍ ଅଫ୍ ପଟାସ୍ | ୟୁରିଆ | ସି.ସୁପର ଫସ୍‌ଫେଟ୍ | ମ୍ୟୁରେଟ୍ ଅଫ୍ ପଟାସ୍ |
| ୨ ମାସ | ୧୧୦ | ୩୦୦ | ୧୩୦ | ୧୧୦ | ୩୦୦ | ୧୩୦ |
| ୩ ମାସ | ୧୧୦ | - | ୧୩୦ | ୧୧୦ | - | ୧୩୦ |
| ୪ ମାସ | ୧୧୦ | - | ୨୬୦ | - | -- | |
| ୫ ମାସ | - | - | - | ୧୧୦ | - | ୧୩୦ |
| ୬ ମାସ | ୧୧୦ | - | - | ୧୧୦ | - | ୧୩୦ |

ତେବେ ବ୍ୟବସାୟିକ ଭିତ୍ତିରେ କରାଯାଉଥିବା ବଗିଚାରେ ଆବଶ୍ୟକତା ଅନୁସାରେ ଜୈବସାର (biofertiliser), ଅଣୁସାର (micronutient) ବା ହରମୋନ ପ୍ରୟୋଗ କରି କାନ୍ଧିର ଆକାର ବଢ଼ାଇହୁଏ । ଗଛରେ ଅଣୁସାରର ଅଭାବ ପରିଲକ୍ଷିତ ହେଲେ ଆବଶ୍ୟକତା ଅନୁସାରେ ମ୍ୟାଗ୍ନେସିଅମ୍ ସଲଫେଟ (୧୨.୫ ଗ୍ରାମ୍/ଲିଟର) ବୋରାକ୍ସ (୨ ଗ୍ରାମ୍/ଲିଟର) କିମ୍ବା ଜିଙ୍କ ସଲଫେଟ (୧୫ ଗ୍ରାମ୍/ଲିଟର) ପ୍ରୟୋଗ କରାଯାଇଥାଏ । ଗଛ ୩ରୁ ୪ ମାସର ହେଲେ ୧ ଗ୍ରାମ୍ ଆଜୋସ୍ପିରିଲମ୍ ଓ ୧୦ଗ୍ରାମ୍ ଭାସ୍କୁଲାର ଆର୍‌ବିକୁଲାର ମାଇକୋରାଇଜା କୋଡାଖୁସା ସମୟରେ ମୂଳରେ ଦେଲେ ଚେର ବୃଦ୍ଧି ହୋଇଗଛ ଭଲ ବଢ଼ିଥାଏ ।

**ପରବର୍ତ୍ତି ଯତ୍ନ :**

ପ୍ରତି ମାସରେ ସାର ଦେଲାବେଳେ ଘାସ ବାଛି କୋଡା ଖୁସା କରି ଶୀତ ଓ ଖରା ଦିନ ହୋଇଥିଲେ ମୂଳରୁ ମାଟି ବାହାର କରିଦିଅନ୍ତୁ । ବର୍ଷା ଦିନେ ୨ ଧାଡି ଗଛ ମଧ୍ୟରେ ନାଳୀ କରନ୍ତୁ ଯେଉଁଲି ପାଣି ଗଡିଯିବ । ବଗିଚାରେ ପାଣିପୁଆ ଦେଖାଦେଲେ ତାକୁ ଉପାଡି ତା ଜାଗାରେ ଶିଙ୍ଗିପୁଆ ଲଗାନ୍ତୁ । ଗଛ ବଢ଼ିବା ସହ

ମୂଳରୁ ପୁଆ ମଧ୍ୟ ବାହାରିଥାଏ । ତେବେ କାନ୍ଧି ବାହାରିବା ପୂର୍ବରୁ ସବୁ ପୁଆକୁ କାଟି ତା ଜାଗାରେ କିଛି (୪ ମିଲି) କିରୋସିନି ଢ଼ାଳି ମୂଳରୁ ପୁଆକୁ ନଷ୍ଟ କରିଦିଅନ୍ତୁ । ସବୁ ପୁଆକୁ ବଢ଼ିବାକୁ ଛାଡି ଦେଲେ କଦଳୀ କାନ୍ଧି ଛୋଟ ଓ ଦାନା ସରୁ ହୋଇଯାଏ । ମୂଳି ଫସଲରେ ପ୍ରାୟ ଅଧା କାନ୍ଧି ବାହାରି ସାରିବା ପରେ ଗଛପ୍ରତି ଗୋଟିଏ ଗୋଟିଏ ପୁଆ ବଢ଼ିବାକୁ ଦିଅନ୍ତୁ । ମା ଗଛ କାଟିବା ସମୟରେ ପୁଆର ଅଗ କାଟି ଦେଲେ କନ୍ଦଟି ମୋଟା ହୋଇଥାଏ । ପ୍ରତି ମାସରେ ଗଛରେ ସାର ଦେବା ସମୟରେ ଶୁଖିଲା ଓ ରୋଗା ପତ୍ର, ବାହୁଙ୍ଗା ଇତ୍ୟାଦିକୁ କାଟି ମୂଳ ଓ କାଣ୍ଡକୁ ସଫା ରଖନ୍ତୁ ଓ ସେଗୁଡ଼ିକୁ ବାହାରେ ନଷ୍ଟ କରିଦିଅନ୍ତୁ । ଅଧିକ ପବନ ହେଉଥିବା ସ୍ଥାନରେ ଖରାଦିନେ ଯେଉଁଳି କାନ୍ଧି ନଆସିବ, ସେହିଭଳି ଲଗାଇବା ସମୟ ଠିକ କରନ୍ତୁ । ଦରକାର ପଡିଲେ ଗଛରେ ଢିରା ଦିଅନ୍ତୁ । କାନ୍ଧି ଆସିବା ପରେ ୧୫-୨୦ସେ.ମି. ଛାଡି ଭଣ୍ଡାଟିକୁ କାଟିଦିଅନ୍ତୁ । କାନ୍ଧିରେ କଣାଥିବା ପଲିଥିନ ଘୋଡାଇ ଦେଲେ ଫଳ ଶୀଘ୍ର ପାକଳ ହୁଏ ଓ ଉତ୍ପାଦନ ମଧ୍ୟ ବଢ଼ିଥାଏ ।

**ଜଳସେଚନ :**

କଦଳୀ କିଆରୀରେ ପାଣି ଜମି ରହିଲେ ଗଛ ରୋଗିଣା ହୋଇଯାଏ କିନ୍ତୁ ମାଟି ଶୁଖିଲା ରହିବା ଉଚିତ ନୁହେଁ । ତେଣୁ ବତର ଦେଖି ୭ରୁ ୧୦ ଦିନ ଭିତରେ ଥରେ ପାଣି ଦିଅନ୍ତୁ । କେନାଲ ପାଣିରେ ଜଳସେଚନ ନକରି ପାତଳକୂପ ସାହାଯ୍ୟରେ ବା ଡ୍ରିପ୍ ଜଳସେଚନ କଲେ ରୋଗର ପ୍ରାର୍ଦୁର୍ଭାବ କମିଥାଏ ।

**ରୋଗ ଓ ପୋକ :**

କଦଳୀ ଗଛରେ ଅଧିକ ସାର ବ୍ୟବହାର କରାଯାଉଥିବାରୁ ଓ ପତ୍ର ଚଉଡା ଥିବାରୁ ଏଥିରେ ଅନେକ ପ୍ରକାରର ଫିମ୍ପି ବୀଜାଣୁ ଓ ଭୂତାଣୁ ଜନିତ ରୋଗ ଏବଂ ପୋକର ପ୍ରାର୍ଦୁର୍ଭାବ ଦେଖାଦେଇଥାଏ ସେଗୁଡ଼ିକ ଏଠାରେ ଦିଆଗଲା ।

**ଫିମ୍ପି ଜନିତ ରୋଗ**

*୧) ସିଗାଟୋକା ପତ୍ରଦାଗ* - ଏହା କାବୁଲୀ ଜାତୀୟ କଦଳୀରେ ବେଶୀ ଦେଖାଯାଏ । ପତ୍ର ଉପରେ ପ୍ରଥମେ ବାଦାମୀ ରଙ୍ଗର ଦାଗ ଦେଖାଯାଏ ଓ ପରେ ସେଗୁଡ଼ିକ ବଡ଼ ହୋଇ ଆଖିଭଳି ଦିଶେ ଓ ଚାରିପଟେ ହଳଦିଆ ହୋଇଯାଏ ପରେ ପୁରା ପତ୍ର ହଳଦୀଆ ହୋଇଯାଏ । ପ୍ରଥମେ ତଳପତ୍ର ଆରୁ ଆରମ୍ଭ ହୋଇ ପରେ ଅଗପତ୍ର ଆଡକୁ ମାଡିଥାଏ । ଅଧିକ ଆକ୍ରାନ୍ତ ଗଛ ମରିଯାଏ ।

*୨) ପାନାମା ଝାଉଁଳା ରୋଗ* - ଏହି ରୋଗ ବନ୍ତଳ ଓ ପାଟକପୁରା ଜାତୀୟ

କଦଳୀରେ ବେଶୀ ଦେଖାଯାଏ । କାନ୍ଧି ଆସିବା ସମୟରେ ପତ୍ର ହଳଦିଆ ହୋଇ ଝାଉଁଳି ଗଛରୁ ଓହଳି ପଡେ । ବେଳେବେଳେ ମୂଳଫାଟି ସେଥିରେ ଛୋଟ କାନ୍ଧି ବାହାରେ । ଗଛ କାଟିଲେ ଭିତରୁ ସଢାପାଣି ବାହାରେ ଓ ଗନ୍ଧ ହୁଏ ।

*୩) ଆନ୍ଥ୍ରାକନୋଜ୍* – ପତ୍ର ଓ ଫଳରେ ମାଟିଆ ରଙ୍ଗ ଚିହ୍ନ ହୋଇଯାଏ ।

*୪) ମୂଳ ସଢା ରୋଗ* – ଗଛର କାନ୍ଧି ପଚିଯାଏ ଏବଂ ଚେର ସଂଖ୍ୟା କମିଯାଏ । ଗଛ ଦୁର୍ବଳ ହୋଇ ପତ୍ର ଝୁଲି ପଡେ ।

*୫) ବୀଜାଣୁ ଜନିତ ଝାଉଁଳା* – ପତ୍ରଧାରରୁ ପୋଡିବା ଆରମ୍ଭ ହୋଇ ପରେ ପୁରାପତ୍ର ଆକ୍ରାନ୍ତ ହୁଏ ଓ ଗଛ ଗୁଡ଼ିକ ପୋଡିଗଲା ଭଳି ଦିଶେ । ଅଧିକ ଆକ୍ରାନ୍ତ ଗଛ ମରିଯାଏ । ପୁଆ ଗୁଡ଼ିକ କଳା ପଡେ । ଫଳ ହଳଦିଆ ହୋଇଯାଏ ।

*୬) ସୂତ୍ରକୃମି* – ତିନି ପ୍ରକାରର ସୂତ୍ରକୃମି କଦଳୀ ଗଛରେ ଲାଗିଥାନ୍ତି । ଏମାନେ ଖାଦ୍ୟ ଚେରକୁ ଖାଇ ନଷ୍ଟ କରନ୍ତି । ପତ୍ର ଦଳଦିଆ ହୋଇ ଦୁର୍ବଳ ହୁଏ । ଖାଦ୍ୟ ଚେର ସବୁ ନଷ୍ଟ ହୋଇଯାଏ ।

## ପୋକ

*୧) କାଣ୍ଡବିନ୍ଧକ ଘୁଣି ପୋକ* – କଳାରଙ୍ଗର ପୂର୍ଣ୍ଣାଙ୍ଗ ପୋକ ଗୁଡ଼ିକ ଶୁଣ୍ଢିଆ ଅଟନ୍ତି, ଛୁଆଗୁଡ଼ିକ ଧଳା, ମାଂସଳ, ମୁଣ୍ଡଟି ଲାଲ ଓ ଏମାନଙ୍କର ଗୋଡ ନଥାଏ ଓ ଏଗୁଡ଼ିକ କାଣ୍ଡଟିକୁ କଣା କରି ଭିତରୁ ଖାଇଦେବା ଦ୍ୱାରା ଆଗପତ୍ର ମରିଯାଏ । ପୁଆ ଗୁଡ଼ିକ ମରିଯାଏ । ମା ପୋକ ଗୁଡ଼ିକ କଣା କରି ଭିତରେ ଖାଇ ମଳତ୍ୟାଗ କରିଥାଆନ୍ତି ଫଳରେ ସାମାନ୍ୟ ପବନରେ ଗଛ ଗୁଡ଼ିକ ସେହି କଣା ପାକରୁ ଭାଙ୍ଗିପଡେ ।

*୨) ମୂଳ ବିନ୍ଧକ ଘୁଣି ପୋକ* – ଏହାର ଛୁଆ ଗୁଡ଼ିକ ମାଟି ତଳରେ ଥିବା କନ୍ଦକୁ କଣା କରି ରସ ଖାଇଯାଆନ୍ତି । ଗଛ ଦୁର୍ବଳ ହୁଏ ଓ କନ୍ଦା ପଚିଯାଏ ।

*୩) ଜଉଆ ପୋକ* – ପତ୍ର ତଳେ ରହି ରସଶୋଷନ୍ତି, ପତ୍ର ଗୁଡ଼ିକ ମୋଟା ହୋଇଯାଏ ଓ ଏହା ମାରାତ୍ମକ ଭୂତାଣୁ ରୋଗ ଅଣକଦଳୀଆର ବାହକ ରୂପେ କାମ କରିଥାଏ ।

## ଭୂତାଣୁ ଜନିତ ରୋଗ

ଏହି ପ୍ରକାରର ରୋଗ ଗୁଡ଼ିକ ପାଇଁ ପ୍ରତିକାର ବ୍ୟବସ୍ଥା ଉପଲବ୍ଧ ନଥିବାରୁ କେବଳ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଆକ୍ରାନ୍ତ ଗଛକୁ କିଆରୀରେ ଦେଖିବା ମାତ୍ରେ ଉପାଡି ଦୂରରେ ନଷ୍ଟକରି ଦେବାକୁ ହେବ ।

*୧) ଅଣକଦଳୀଆ* – ଗଛର ଅଗପତ୍ର ଗୁଡ଼ିକ ତଳପତ୍ରଠାରୁ ଛୋଟ ହୋଇ ଗୋଟିଏ ଜାଗାରୁ ବାହାରିବା ପରି ଜଣାଯାଏ । ଗଛରେ କାନ୍ଧି ଆସେ ନାହିଁ । ପତ୍ରକୁ ଧରିଲେ ଭାଙ୍ଗିଯାଏ । ଏହି ଭୂତାଣୁ କଦଳୀରେ ଲାଗୁଥିବା ଜଉପୋକ ଦ୍ୱାରା ବ୍ୟାପେ ।

୨) *ପତ୍ର ସାହେବୀ* - ପ୍ରଥମେ ପତ୍ରରେ ହଳଦିଆ ଗାର ଦେଖାଦିଏ ଓ ପରେ ବଡ଼ବଡ଼ ଦଳଦିଆ ଦାଗର ଛାପ ଦେଖାଯାଏ । ବାହାର ପତ୍ରର ଆବରଣ ଗୁଡ଼ିକ ଗଛରୁ ତଳକୁ ଖସିପଡେ । ଗଛରେ ଛୋଟ କାନ୍ଦି ପଡେ ଓ ଫଳର ଆକାର ଛୋଟ ହୋଇଯାଏ । ଏହା ଜଉଆ ଦ୍ୱାରା ବ୍ୟାପିଥାଏ ।

୩) *ଭଣ୍ଡା ସାହେବୀ* - ଭଣ୍ଡା ଉପରର ରଙ୍ଗ ସ୍ଥାନେ ସ୍ଥାନେ ଇଷତ୍ ବାଦାମୀ ହୋଇଯାଏ । ଜଉଆ ଦ୍ୱାରା ବ୍ୟାପିଥାଏ । କଦଳୀ ଦାନାର ଆକାର ଛୋଟ ହୋଇଥାଏ ।

**ସମନ୍ୱୀତ ବ୍ୟବସ୍ଥାରେ ରୋଗ ଓ ପୋକ ପରିଚାଳନା**

୧) ସୁସ୍ଥ ଓ ନିରୋଗ ପୁଆ ଗୋଟିଏ ଭଲ ବଗିଚାରୁ ସଂଗ୍ରହ କରନ୍ତୁ । ଏହାଦ୍ୱାରା ଭୂତାଣୁ ରୋଗ ପରବର୍ତ୍ତି ସମୟରେ ବ୍ୟାପିବାର ଆଶଙ୍କା ନଥାଏ ।

୨) ଉପଯୁକ୍ତ ଦୂରତ୍ୱ ଓ ଗଭୀରର ଗାତ ଖୋଳିବାପରେ ତାକୁ ୮ ଦିନ ଖରାଖୁଆନ୍ତୁ । ପରେ ଅଳିଆ ଦେଇ ପ୍ରତି ଗାତରେ ଧୂଆଁ ଦେଇଦିଅନ୍ତୁ ଯଦ୍ୱାରାକି ଉଇ, ପିମ୍ପୁଡି ଓ ମାଟି ସଂସର୍ଗ ବିଭିନ୍ନ ପ୍ରକାରର ଫିମ୍ପି ଜନିତ ରୋଗ କମିଯିବ ।

୩) ପୁଆ ଲଗାଇବା ପୂର୍ବରୁ ଗାତରେ ଖତ, ମୂଳସାର ଦେଇ ପ୍ରତି ଗାତରେ ୨୫୦ ଗ୍ରାମ ନିମ୍ବ ବା କରଞ୍ଜ ପିଡିଆ ଓ ସଂଗ୍ରାମ ଫ୍ୟୁରାଡ଼ନ ଦାନାଦାର ଦିଅନ୍ତୁ । ଏହା ସୁତ୍ରକୃମି, କନ୍ଦପଚା ଓ ଉଇଙ୍କର ଆକ୍ରମଣକୁ କମାଇବ ।

୪) ପୁଆ ବିଶୋଧକ - ମୂଳ ଗଛରୁ ପୁଆତାଡି ଗୋଟିଏ ଅଛୁରା ଦାରେ ତାର ମୂଳର ସବୁ ଚେର ଓ ମାଟି ଛଡାଇ ଦିଅନ୍ତୁ ଓ ଅଗ୍ରକାଣ୍ଡଟି କାଟି ମାଣ ବାହାର କରନ୍ତୁ । ଏହି ପୁଆକୁ ୨ ଦିନ ଖରାରେ ରଖନ୍ତୁ ଯାହାକୁ ସୌର ତାପ ବିଶୋଧନ କୁହାଯାଏ । ଗୋଟିଏ ଜାଗାରେ ୫ଫୁଟ ଚଉଡା ଓ ଲମ୍ୱ ଏବଂ ୧ଫୁଟ ଗଭୀରର ଗାତ କରି ସେଥିରେ ଗୋଟିଏ ମୋଟା ପଲିଥିନ ବିଛାଇ ଦିଅନ୍ତୁ ଓ ସେଥିରେ ୧୦ ବାଲଟି ପାଣି ଦିଅନ୍ତୁ । ପ୍ରତି ବାଲଟି ପାଣି ପିଛା ୫ କି.ଗ୍ରା କଞ୍ଚା ଗୋବର, ୨୦ମି.ଲି. ମନୋକ୍ରୋଟୋଫସ ଦ୍ରବଣ, ୨୦ ଗ୍ରାମ୍ ବାଭିଷ୍ଟିନ୍ ଓ ୨ ଗ୍ରାମ୍ ଷ୍ଟ୍ରେପଟୋସାଇକ୍ଲିନ୍ ପାଉଡର ହିସାବରେ ୧୦ ବାଲଟି ପାଣିରେ ମିଶାନ୍ତୁ । ତାପରେ ସେଥିରେ ଥରକୁ ୧୦୦ରୁ ୧୫୦ଟି ମାଣ ବୁଡାଇ ୨୦ ମିନିଟ୍ ରଖନ୍ତୁ ଓ ପୁଣି ବାହାର କରି ଛାଇରେ ଗୋଟିଏ ଦିନ ରଖି ଗାତରେ ଲଗାନ୍ତୁ । ଏହା ଗଛ ବୃଦ୍ଧିର ପ୍ରାରମ୍ଭିକ ଅବସ୍ଥାରେ ସମସ୍ତ ପ୍ରକାରର ରୋଗ ଓ ପୋକଙ୍କୁ ଦମନ କରିଥାଏ ।

୫) ଗଛ ମାସକର ହେଲେ ପ୍ରଥମ କୋଡାଖୁସା ସମୟରେ ବିଭିଷ୍ଟନର ଶତକଡା ୫ ଭାଗ ଦାନାଦାର ଏକର ପ୍ରତି ୮ କି.ଗ୍ରା. ହିସାବରେ ଓ ଫ୍ୟୁରାଡ଼ନ ଦାନାଦାର ଏକର ପ୍ରତି ୧୨ କି.ଗ୍ରା. ହିସାବରେ ମନ୍ଦା ବା ହୁଡାରେ ଦିଅନ୍ତୁ ।

୬) ଗଛ ୪ ମାସର ହେଲେ ପତ୍ରଉପରେ ଥରେ ଯେ କୌଣସି ପ୍ରକାରର ପତ୍ରଦାଗ, ବୀଜାଣୁ ଜନିତ ଝାଉଁଳା ଓ କନ୍ଦସଢା ଇତ୍ୟାଦିରୁ ଗଛକୁ ରକ୍ଷା କରିବା ପାଇଁ ବାଭିଷ୍ଟିନ (୧ ଗ୍ରାମ୍/ଲିଟର ପାଣିପ୍ରତି) ବା କପର ଅକ୍ସିକ୍ଲୋରାଇଡ୍ (୫ଗ୍ରାମ୍/ଲିଟର ପାଣିପ୍ରତି) ମିଶାଇ କିଛି ଅଠା ଯଥା ଧାନୁଭିଟ୍, ଆକ୍ସିଭା-୮୦ ବା ଆସ୍ତା ସହ ମିଶାଇ ଓ ପ୍ଲାଣ୍ଟୋମାଇସିନ୍ (୧ଗ୍ରାମ୍/ଲିଟର ପାଣି) ସହ ପତ୍ର ସିଞ୍ଚନ କରନ୍ତୁ ।

୭) ବଗିଚାରୁ ନିୟମିତ ମଲା ଓ ରୋଗା ପତ୍ର ଓ ସଢାକାଣ୍ଡ ଏବଂ ଭୂତାଣୁ ଆକ୍ରାନ୍ତ ଗଛ ଉପାଡି ଦୂରରେ ପୋତିନଷ୍ଟ କରିଦିଅନ୍ତୁ ।

୮) ଗଛ ୬ ମାସର ହୋଇଥିଲା ବେଳେ ଥରେ ମନୋକ୍ରୋଟୋଫସ୍ (୨ମି.ଲି./ଲିଟର ପାଣି) ଓ ଡିଥେନ୍ ଏମ୍-୪୫ ୩ଗ୍ରାମ/ଲିଟର ପାଣି) ଓ ପୂର୍ବୋକ୍ତ ଅଠା କିଛି ମିଶାଇ ପ୍ରୟୋଗ କରନ୍ତୁ । ଏହି ସମୟରୁ ଆରମ୍ଭ ହେଉଥିବା ଜଉଆ, କାଣ୍ଡ ଓ କନ୍ଦ ବିନ୍ଧକ ଘୁଣି ପୋକ ଇତ୍ୟାଦିଙ୍କୁ ଏହା ଦମନ କରିପାରିବ ।

୯) ଫୁଲ ଓ ଭଣ୍ଡା ସମୟରେ ଥରେ କପର ଅକ୍ସିକ୍ଲୋରାଇଡ୍ (୫ଗ୍ରାମ/ଲିଟର ପାଣି ପ୍ରତି) ପ୍ରୟୋଗ କରନ୍ତୁ ।

୧୦) ମଝିରେ କାଣ୍ଡବିନ୍ଧା ଘୁଣି ପୋକ ଲାଗିଲେ ତାଦ୍ୱାରା ହୋଇଥିବା କଣାଟି ଠାବ କରି, କଣା ଉପରୁ ୫ସେ.ମି.ରୁ ଗୋଟିଏ ସିରିଞ୍ଜରେ ୫ ମି.ଲି. ମନୋକ୍ରୋଟୋଫସ ଓ ୫ ମି.ଲି. ପାଣି ମିଶାଇ ତୀର୍ଯ୍ୟକ ୪୫° କୋଣ କରି ଛୁଞ୍ଚି ପୂରାଇ ଗଛରେ ଇଞ୍ଜେକ୍ସନ୍ ଦିଅନ୍ତୁ ।

## ମୂଳି ଫସଲ

ବଗିଚାରେ ରୋଗ ପୋକ କମ୍‌ଥିଲେ ୩.ବର୍ଷ ପର୍ଯ୍ୟନ୍ତ ଗୋଟିଏ ଜାଗାରେ କଦଳୀ ଚାଷ କରାଯାଇପାରେ । ଦ୍ୱିତୀୟ ବର୍ଷ ଫସଲ ପ୍ରଥମ ବର୍ଷ ଫସଲର ୭-୧୦ ମାସରେ ଅମଳ ହୋଇଥାଏ । କାନ୍ଧି ଆସିବା ପରେ ପ୍ରତ୍ୟେକ ଗଛ ପାଖରେ ଗୋଟିଏ ପୁଆ ଛାଡନ୍ତୁ ଓ କଦଳୀ କାନ୍ଧି ପରେ ଗଛକୁ ଅଧାରୁ କାଟି ପରେ କୋଡାଖୁସା କରି ସାର ଓ ପାଣି ଦିଅନ୍ତୁ ଏହାଦ୍ୱାରା ଲଗାଇବା ଖର୍ଚ୍ଚ କମି ଲାଭ ଅଧିକ ହୋଇଥାଏ ।

## ଅମଳ


ଫୁଲ ଆସିବାର ୧୫୦-୧୬୦ ଦିନ ପୂର୍ବରୁ ଗଛରେ ଫଳ ଧାରଣର ପ୍ରାଥମିକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ବାମନ କଦଳୀ ଲଗାଇବାର ୮ ରୁ ୯ ମାସ ଭିତରେ ଓ ଡେଙ୍ଗା କଦଳୀ ୧୧-୧୨ ମାସରେ କାନ୍ଧି ପକାଇଥାଏ । ଖରାଦିନେ ଶୀଘ୍ର ଓ ଶୀତଦିନେ ଡେରିରେ ଫଳ ପାକଳ ହୋଇଥାଏ । କଦଳୀ ଅଗରୁ ଫୁଲ ଖସିଲେ ଓ ଚୋପା ଗୋଲ ବୁଲିଗଲେ ଫଳ ପାକଳ ହେଲାବୋଲି ଜଣାଯାଏ । ପାଖ ବଜାର ପାଇଁ ରଙ୍ଗ ବଦଳିବା ସମୟରେ ଓ ଦୂର ବଜାର ପାଇଁ ଗୋଟିଏ କାନ୍ଧିରୁ ଶତକଡା ୭୫ ଭାଗ ଫଳ ପାକଳ ହେଲେ ଅମଳ କରାଯାଇଥାଏ । କିସମ ଅନୁସାରେ ହେକ୍ଟର ପ୍ରତି ୫୦-୬୦ଟନ୍ କଦଳୀ ଅମଳ ହୋଇଥାଏ ।

## ପୁଆ ଉତ୍ପାଦନ

ଏହା ଆଜିକାଲି ଏକ ଲାଭ ଜନକ ବ୍ୟାପାର । କଦଳୀର ପୁଆ ଗୁଡ଼ିକ ଓ ପତ୍ର ମା କନ୍ଦା ଉପରୁହିଁ ବାହାରିଥାଏ । ତେଣୁ ମା ଗଛକୁ ଲଗାଲଗି କରି କମ ଗଭୀରରେ ଲଗାଇ ଅଧିକ ଯବକ୍ଷାରଜାନ ଜାତୀୟ ସାର ଦେଲେ ଅଧିକ ପୁଆ ହୁଏ । କିନ୍ତୁ କାନ୍ଦୀର ସାଇଜ ଛୋଟ ହୁଏ । ମା ଗଛରୁ ପତ୍ର କାଟିଲେ ପୁଆ ସଂଖ୍ୟା କମିଯାଏ ଓ ସେହି ଭଳି ମନ୍ଦିରରେ କଦଳୀ ପତ୍ରରେ ଖାଇବାର ପ୍ରଥା ଥିବାରୁ କେତେକ ସ୍ଥଳରେ ପତ୍ର ବ୍ୟବସାୟ ପାଇଁ ମଧ୍ୟ କଦଳୀ ଚାଷ କରାଯାଏ । ଏଥିପାଇଁ ଚମ୍ପା, ଚିନିଚମ୍ପା ଇତ୍ୟାଦି କିସମ ଗୁଡ଼ିକୁ ୨.୫ରୁ ୩ ମିଟର ଦୂରତାରେ ଲଗାଯାଇ ପ୍ରତିଗଛରେ ୫ରୁ ୮ଟି ପୁଆ ରଖାଯାଏ । ଏଥିରେ ପ୍ରଥମ ଫସଲରୁ କଦଳୀ ଓ ମୂଳୀ ଫସଲରୁ ପତ୍ର କଟାଯାଇ ବିକ୍ରି କରାଯାଏ ।

## ଲାଭ କ୍ଷତି ହିସାବ

ଏହି ଚାଷ ପାଇଁ ଏକର ପ୍ରତି ପ୍ରଥମ ବର୍ଷ ୨୬,୭୫୦ଟଙ୍କା, ଦ୍ୱିତୀୟ ବର୍ଷ ୧୨,୫୦୦ଟଙ୍କା ଓ ତୃତୀୟ ବର୍ଷ ୧୧,୩୦୦ଟଙ୍କା ଖର୍ଚ୍ଚ ହୋଇଥାଏ ଏବଂ ଏକର ପ୍ରତି ପ୍ରଥମ ବର୍ଷ ୪୬,୮୦୦ଟଙ୍କା, ଦ୍ୱିତୀୟ ବର୍ଷ ୪୧,୬୦୦ଟଙ୍କା ଓ ତୃତୀୟ ବର୍ଷ ୩୬,୪୦୦ଟଙ୍କା ଆୟ ମିଳିଥାଏ ।



କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ

ପୋ : ହୁଲୁରସିଂହ, [illegible], ଅନୁଗୁଳ-୭୫୯୧୩୨